■ ଆଶାକର୍ମୀଙ୍କ ପାରିଶ୍ରମିକ ବାଟମାରଣା କରି ସୁଭଦ୍ରା ଟଙ୍କା ପ୍ରଦାନ

# ବଲାଙ୍ଗିରରେ ଆଶାକର୍ମୀଙ୍କ ମହାସମାବେଶ

**ବଲାଙ୍ଗିର, ୧୨।୧(ସମିସ)**



ନିର୍ବାଚନରେ ବିଜେପି ଜିତିବା ପଛରେ ସୁଭଦ୍ରା ଯୋଜନାର ପ୍ରଚାର ବଡ ସଫଳତା ଦେଇଥିଲା। ଏହି ଯୋଜନାରେ ମହିଳାମାନଙ୍କୁ ଦୁଇଲକ୍ଷ ଟଙ୍କା ଦିଆଯିବ ବୋଲି ବିଜେପି ନେତାମାନେ ମିଛ ପ୍ରତିଶ୍ରୁତି ଦେଇଥିଲେ। ଘୋଷଣା କରିଥିବା ଟଙ୍କା ତ ଦେଇପାରିଲେନି, ଯାହାବି ଦେଲେ ସେଥିରେ ଅନ୍ୟମାନଙ୍କ ପାରିଶ୍ରମିକ ବାଟମାରଣା କଲେ। ବଲାଙ୍ଗିରରେ ଏକ ମହାସମାବେଶ କରି ସୁଭଦ୍ରା ଯୋଜନାର ଏଭଳି ଗୁମର ଫିଟାଇଛି ନିଖିଳ ଓଡ଼ିଶା ଆଶା କର୍ମୀ ସଂଘ। ଶହଶହ ସଂଖ୍ୟାରେ ଆଶାକର୍ମୀମାନେ ସମ୍ମିଳିତ ହୋଇ ବିଜେପି ସରକାରର ଏଭଳି ନୀତି ବିରୋଧରେ ରଣହୁଙ୍କାର ଦେଇଛନ୍ତି।

ଶନିବାର ଓ ରବିବାର ଦୁଇଦିନ ଧରି ବଲାଙ୍ଗିର ସହର କଲେଜ ଛକସ୍ଥିତ କଲ୍ୟାଣମଣ୍ଡପ ଠାରେ ନିଖିଳ ଓଡ଼ିଶା ଆଶା କର୍ମୀ ସଂଘର ଦୁଇଦିନିଆ ରାଜ୍ୟସ୍ତରୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ତଥା ନିଖିଳ ଓଡ଼ିଶା ଆଶାକର୍ମୀ ସଂଘର ସଭାପତି ବିଜୟ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରଥମ ଦିନରେ ସ୍ଥାନୀୟ କୋଶଳ କଳାମଣ୍ଡଳ ପଡ଼ିଆରୁ ଆଶାକର୍ମୀ ମାନଙ୍କ ବିରାଟ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରା ସହର ପରିକ୍ରମା କରି କଲେଜ ଛକ କଲ୍ୟାଣ ମଣ୍ଡପରେ ପହଞ୍ଚିଥିଲା, ସେଠାରେ ସଭାର ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବରେ ପୌରାଧ୍ୟକ୍ଷା ଲିକା ସାହୁ ସଭାରେ ଯୋଗଦାନ କରିଥିଲେ।ଏହି ଅବସରରେ ସଂଗଠନ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଆଗାମୀ ତିନିବର୍ଷ ପାଇଁ ସଂଘର ସଭାପତି ଭାବରେ ବିଜୟ ଜେନା, ଉପସଭାପତି ତୀର୍ଥ ପ୍ରଧାନ, ମାରିଆନା ମି, ପଞ୍ଚାନନ ମହାକୁର, ଲିଲିବାଲା ସାବନ, ଇସମାଇଲ ମାଲି, ବସନ୍ତ ସେଠି, ସାଧାରଣ ସମ୍ପାଦିକା ନମିତା ସାହୁ, ଉପସାଧାରଣ ସମ୍ପାଦିକା ମାଡିଲତା କୁଲୁ, ଓମି ଗୁପ୍ତା, ବାସନ୍ତି ପ୍ରଧାନ, ସମ୍ପାଦିକା ସୁରେଖା ନାଗ, ମମତା କଚ୍ଛପ, ସନ୍ତୋଷିନୀ ପଟ୍ଟନାୟକ, ଗୀତାଞ୍ଜଳୀ ପ୍ରଧାନ, ଶ୍ୟାମଳୀ ମଣ୍ଡଳ, ଅନିଲତା ପାତ୍ର, ମମତା ରାଉତ, କୋଷାଧ୍ୟକ୍ଷ ଭାବରେ ଗୀତାଞ୍ଜଳୀ ରାଉତ ସମେତ ୧୭ ଜଣ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ। ଦ୍ୱିତୀୟ ଦିନରେ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହିତ ଆଶାକର୍ମୀଙ୍କ ପାରିମଶ୍ରିକ ଟଙ୍କା ବାଟମାରଣା କରାଯାଇ କିଭଳି ସୁଭଦ୍ରା ଯୋଜନାର ଟଙ୍କା ବଣ୍ଟନ କରାଯାଇଛି ସେ ସମ୍ପର୍କରେ କୁହାଯାଇଥିଲା। ନିର୍ବାଚନୀ ଯୋଜନାକୁ ଆଗେଇ ନେବାକୁ ଆଶାକର୍ମୀ ମାନଙ୍କ ପ୍ରତି ଘୋର ଅନ୍ୟାୟ କରାଯାଉଛି। ପୂର୍ବତନ ନବୀନ ସରକାର ଆଶାକର୍ମୀଙ୍କ ପାଇଁ ଯେଉଁ ସୁବିଧା କରିଦେଇଥିଲେ। ସେଥିରେ ତାଙ୍କୁ ମାସିକ କିଛି ପାରିଶ୍ରମିକ ମିଳୁଥିଲା।

## ଦାବି ପୂରଣ ନହେଲେ ବିଧାନସଭା ସମ୍ମୁଖରେ ଆନ୍ଦୋଳନ

କିନ୍ତୁ ବିଜେପି ସରକାର ଆସିବା ଦିନରୁ ତାହା ବନ୍ଦ ହୋଇଯାଇଥିବା କହିଥିଲେ। ଆଶାମାନଙ୍କ ପାରିଶ୍ରମିକ ପାଇଁ ଆସୁଥିବା ଅନୁଦାନକୁ ସୁଭଦ୍ରା ଯୋଜନାର ଟଙ୍କା ବଣ୍ଟନ ପାଇଁ ନିଆଯାଇଥିବା ସେମାନେ ଅଭିଯୋଗ ଆଣିଥିଲେ। ଯାହାଫଳରେ ଦୀର୍ଘ ୮ ମାସ ହେଲା ତାଙ୍କର ଦରମା ବନ୍ଦ ରହିଛି। ଏନେଇ ଆଶାକର୍ମୀଙ୍କ ମଧ୍ୟରେ ଅସନ୍ତୋଷର ନିଆଁ ଜଳୁଛି। ଯଥାଶିଘ୍ର ତାଙ୍କର ପାରିଶ୍ରମିକ ପ୍ରଦାନ କରିବା ସହିତ ଅନ୍ୟାନ୍ୟ ଦାବିଗୁଡିକ ପୂରଣ ନକଲେ ଆଗାମୀ ଦିନରେ ସେମାନେ ବିଧାନସଭା ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ମହିମା ମେଳା ମହୋତ୍ସବ




**ବଙ୍ଗୋମୁଣ୍ଡା, ୧୨।୧(ସମିସ):** ବଙ୍ଗୋମୁଣ୍ଡାସ୍ଥିତ ଦିବ୍ୟ ଚେତନା ମହିମା ଆଶ୍ରମରେ ମଠାଧିସ ଅବଧୂତ କପିଳେନ୍ଦ୍ର ଦାସ ବାବାଙ୍କ ତତ୍ୱବଧାନରେ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ମହିମା ମେଳା ପାଳିତ ହେଉଛି।ନିକଟସ୍ଥ ଜଳାଶୟରୁ ପୂର୍ଣ୍ଣ ଜଳ କଳସ ଅଣାଯିବା ପରେ ବିଶ୍ୱ କଲ୍ୟାଣ ଉଦେଶ୍ୟରେ ଅଖଣ୍ଡ ଦୀପ ପ୍ରଜ୍ୱଳନ ପୂର୍ବକ ଯଜ୍ଞ ଆରମ୍ଭ ହୋଇଥିଲା। ତୃତୀୟ ଦିବସରେ କପିଳେନ୍ଦ୍ର ଦାସ ବାବାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ କବିତା ପାଠୋତ୍ସବ ସହିତ ଆଧାମ୍ରିକ ପତ୍ରିକା 'ବ୍ରହ୍ମଜ୍ୟୋତି' ଉନ୍ମୋଚନ କରାଯାଇଥିଲା। ଭୀମ ଭୋଇ ସାହିତ୍ୟ ପରିଷଦର କାର୍ଯ୍ୟକାରୀ ସଭାପତି ଶରତ ଚନ୍ଦ୍ର ସିଂ ଭୋଇ, ସମ୍ମାନିତ ଅତିଥି ଭାବେ ଡ଼ଃ ଯୁଗଳ ଷଡ଼ଙ୍ଗୀ, କୋଶଳୀ ଭାଷା ସୁରକ୍ଷା ସମିତିର ଅଧ୍ୟକ୍ଷ ଭିକାରୀ ମିଶ୍ର, ଜ୍ୟୋତି ପ୍ରକାଶ ଗଡ୍ତ୍ୟା, ଥମିର ଛତ୍ରିଆ, ବିରଞ୍ଚି ନାରାୟଣ ଦାସ, ଲକ୍ଷ୍ମୀଧର ମାଝି, ବୃନ୍ଦାବନ କୁମ୍ଭାର, ପଣ୍ଡିତ ବିଷ୍ଣୁ ପ୍ରସାଦ ସାହୁ, କୋଶଳୀ କବି ସୁଶାନ୍ତ ବାଗ, ନାଟ୍ୟକାର ନୀଳମଣି ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପରିଚାଳନା ସମ୍ପାଦକ ସୁଧାକର ସାହୁ ମଞ୍ଚ ସଂଯୋଜନା କରିଥିଲେ। ସମ୍ପାଦକ ନିଳାଞ୍ଚଳ ଥନାପତି ଧନ୍ୟବାଦ ଅର୍ପଣ ସହ ସଭା ସମାପନ କରିଥିଲେ। ଘନଶ୍ୟାମ ମନହୀରା, ଫାଲଗୁନି ରଣା ପ୍ରମୁଖ ସହଯୋଗ କରିଥିଲେ।

# ମୃତ ଡ୍ରାଇଭରଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ



**କଣ୍ଟାବାଞ୍ଜି, ୧୨।୧(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ହରିଭବନରେ ଓଡ଼ିଶା ଡ୍ରାଇଭର୍ ମହାସଂଘ କଣ୍ଟାବାଞ୍ଜି ଶାଖା ପକ୍ଷରୁ ବୈଠକ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଡ୍ରାଇଭର ମହାସଂଘ ପକ୍ଷରୁ ନିଶାମୁକ୍ତ ଭାବେ ଗାଡି ଚାଳନା, ଲୋକଙ୍କୁ ସମ୍ମାନପ୍ରଦର୍ଶନ କରିବା ସହ ଦୁର୍ଘଟଣାକୁ ହ୍ରାସ କରିବା ପାଇଁ ସଚେତନ କରାଯାଇଥିଲା।କଣ୍ଟାବାଞ୍ଜି ଏନ୍‌ଏସି ଅଞ୍ଚଳର ମୃତ ଦୁଇ ଜଣ ଡ୍ରାଇଭରଙ୍କ ପରିବାରକୁ୨ଲକ୍ଷ ଟଙ୍କାର ମୃତ୍ୟୁ କାଳୀନ ସହାୟତା ରାଜ୍ୟ ସରକାରଙ୍କ ମାଧ୍ୟମରେ ଚେକ୍ ପ୍ରଦାନ କରାଯାଇଛି।

## ଟାୱାର ଉପରୁ ଡେଇଁ ଜୀବନ ହାରିଲେ ଯୁବକ

**ବେଲପଡ଼ା, ୧୨।୧(ସମିସ):** ବଲାଙ୍ଗୀର ଜିଲ୍ଲା ବେଲପଡ଼ା ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବେଲପଡ଼ା ଥାନା ନୁନହାଡ଼ ଗାଁର ନିରାକାର ଶବର ନାମକ ଜଣେ ଯୁବକ ୧୫୦୦ ଫୁଟର ଟାୱାର ଉପରକୁ ଚଢି ତଳକୁ ଡେଇଁ ଜୀବନ ହାରିଛନ୍ତ। ଘର ପାଖରେ ଥିବା ଏୟାରଟେଲ ଟାୱାରକୁ ଚଢି ଆତ୍ମହତ୍ୟା କରିଛନ୍ତି। କଣ ପାଇଁ ଯୁବକ ଜଣକ ଆତ୍ମହତ୍ୟା କଲେ ଜଣାପଡ଼ି ନାହିଁ। ସୂଚନା ମୁତାବକ ବଡଭାଇ ହେମନ୍ତଙ୍କ ସହ କୌଣସି କଥା କୁ ନେଇ କଳହ କରିଥିଲେ। ପରେ ପାଖରେ ଥିବା ଟାୱାରକୁ ଚଢ଼ି ଯାଇଥିଲେ। ଭାଇ ହେମନ୍ତ ତଳକୁ ଓହ୍ଲାଇବା ପାଇଁ ହାରଗୁହାରି କରିଥିଲେ କିନ୍ତୁ କାହାରି କଥାକୁ ଶୁଣିନ ଥିଲେ। ଶେଷରେ ନିରାକାରକୁ ବଞ୍ଚାଇବାକୁ ବଡ ଭାଇ ହେମନ୍ତ ମଧ ଟାୱାର ଉପରକୁ ଚଢିଥିଲେ। କିନ୍ତୁ ନିରାକାର ତଳକୁ ଡେଇଁ ଜୀବନ ହାରିଛନ୍ତି। ଘଟଣାସ୍ଥଳରେ ବେଲପଡ଼ା ପୁଲିସ ପହଁଞ୍ଚିଚ ତଦନ୍ତ ଆରମ୍ଭ କରିଛ। ଶବ ବ୍ୟବଚ୍ଛେଦ ପରେ ପାରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ ଶିବିର

**ବଲାଙ୍ଗିର, ୧୨।୧(ସମିସ):** ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ଏନ୍‌ଏସ୍‌ଏସ ବ୍ୟୁରୋ ଆନୁକୂଲ୍ୟରେ ସ୍ୱେଚ୍ଛାସେବୀ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଉଛି।ଗତ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ଶିବିର ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ପରିସରରେ ଚାଲିଥିଲା। ବଲାଙ୍ଗିର ଏବଂ ସୋନପୁର ଜିଲ୍ଲାର ୨୫ଟି ମହାବିଦ୍ୟାଳୟର ୧୦୦ ଜଣ ସ୍ୱେଚ୍ଛାସେବୀ ଏବଂ ୧୦ ଜଣ କାର୍ଯ୍ୟକ୍ରମ ଅଧିକାରୀ ଶିବିରରେ ଯୋଗ ଦେଇଛନ୍ତି।ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟର କୁଳପତି ଡ.ଉମାବଲ୍ଲଭ ମହାପାତ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ସମାରୋହରେ ବଲାଙ୍ଗିର ଉପ ଜିଲ୍ଲାପାଳ ଆଲୋକ ପଟେଲ, ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ।ପ୍ରୋଗ୍ରାମ କୋ ଅଡିନେଟର ଡ.ପ୍ରିୟଙ୍କା ଚକ୍ରବର୍ତ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ପିଜିସି ଡ. ରାଜ କିଶୋର ପାତ୍ର, ବିଘ୍ନେଷ ପ୍ରସାଦ ମିଶ୍ର, ଡ.ପ୍ରତାପ କୁମାର ଦାସ, ବିଶ୍ୱଜିତ ବେହେରା ଏବଂ ବଲାଙ୍ଗିର ଏନ୍‌ଏସ୍‌ଏସ କାର୍ଯ୍ୟକ୍ରମ ଅଧିକାରୀ ଡ. ଅଜିତ କୁମାର ବେହେରା ଏବଂ ସୋନପୁର ଜିଲ୍ଲାଧିକାରୀ ଡ. ମନୋରଞ୍ଜନ ଘଡେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଅଧିବେଶନକୁ ଦିପ୍ତୀମୟୀ ନାୟକ ପରିଚାଳନା କରିଥିଲେ। ଶିବିରରେ ଦଶଟି ଶିକ୍ଷଣ କାର୍ଯ୍ୟକ୍ରମ, ଯୋଗ, ର୍‌ୟାଲି, ନାଟକ, ନାଚ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

# ନିର୍ଝରିଣୀ ତରଫରୁ ଜାତୀୟ ଯୁବ ଦିବସ



**କଣ୍ଟାବାଞ୍ଜି, ୧୨।୧(ସମିସ):** କଣ୍ଟାବାଞ୍ଜି ସହରର ଅଗ୍ରଣୀ ଅନୁଷ୍ଠାନ ନିର୍ଝରିଣୀ ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ ସ୍ଥାନୀୟ ଶ୍ରୀ ହରିଭବନ ଠାରେ ପାଳିତ ହୋଇଥିଲା।ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ବିରଞ୍ଚି ନାରାୟଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କଣ୍ଟାବାଞ୍ଜି ସହରର ଯୁବକଗୋଷ୍ଠୀ ଯୋଗ ଦେଇଥିଲେ। ଉପସ୍ଥିତ ବ୍ୟକ୍ତି ବିଶେଷ ବର୍ତ୍ତମାନ ସମୟ ଆସିଛି ଯୁବ ଗୋଷ୍ଠୀ ହିଁ ସମସ୍ତ ଉନ୍ନୟନ କାର୍ଯ୍ୟକ୍ରମକୁ ହାତକୁ ନେଲେହିଁ ସବୁ ସମସ୍ୟାର ସମାଧାନ ହେବ ବୋଲି ମତ ଦେଇଥିଲେ।କାର୍ଯ୍ୟକ୍ରମରେ ଆଇନଜୀବୀ ବ୍ରଜଶ୍ୟାମ ଗୁରୁ, ମନୋଜ କୁମାର ଦାସ, ଦୀନଶ ମହାନନ୍ଦ, ଥମିର ଛତ୍ରିଆ, ସତ୍ୟ ନାରାୟଣ ଅଗ୍ରୱାଲ, ବେଦବ୍ୟାସ ନାଗ, ନିଶିକାନ୍ତ ମହାପାତ୍ର, ସଞ୍ଜୟ ଅଗ୍ରୱାଲ, ଗାନ୍ଧି ରାଜେନ୍ଦ୍ର ବେହେରା, ସନ୍ତୋଷ ଅଗ୍ରୱାଲ, ଭେଙ୍କଟ ବାଗ, ସଚିନ ବିଭାର, ପ୍ରମୋଦ ବେହେରା, ଉମାକାନ୍ତ ମହାନନ୍ଦ ସମେତ ଅନେକ ଯୁବଗୋଷ୍ଠୀ ଉପସ୍ଥିତ ଥିଲେ।

ବଲାଙ୍ଗିର ପୁଲିସକୁ ସଫଳତା

# ଡକାୟତ ଓ ବାଇକ୍ ଚୋର ଗ୍ୟାଙ୍ଗ୍ ଗିରଫ

**ବଲାଙ୍ଗିର, ୧୨।୧(ସମିସ):** ଚୋରି, ଡକାୟତି ଭଳି ବିଭିନ୍ନ ଅପରାଧିକ ମାମଲାରେ ସଂଶ୍ଳିଷ୍ଟ ରହିଥିବା ଏକ ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି ବଲାଙ୍ଗିର ପୁଲିସ। ଦୁଇଟି ଅପରାଧିକ ମାମଲାରେ ୫ ଜଣ ଅପରାଧୀଙ୍କୁ ଗିରଫ କରିଛି।ସେମାନେ ହେଲେ ରାଜୀବନଗରର ଚିଙ୍କୁ ବେହେରା(୨୮), ପିଣ୍ଟୁ ମାଝୀ(୨୪), ତୁଳସୀନଗରର ମନୋଜ ଖଟାର(୨୪), ରାଧାରାଣୀପଡ଼ାର ଭାଗିରଥୀ ଠେଲା ଓ ସଦର ଥାନା ଅର୍ନ୍ତଗତ ଶିକାଛିଡା ଗ୍ରାମର ବ୍ୟାସଦେବ ମଲ୍ଲିକ। ସେମାନଙ୍କ ଠାରୁ ବାଇକ୍, ମୋବାଇଲ ଫୋନ, ନଗଦ ଟଙ୍କା, ଏଟିଏମ୍ କାର୍ଡ ଆଦି ଜବତ ହୋଇଛି। ରବିବାର ଅପରାହ୍ନରେ ସ୍ଥାନୀୟ ଟାଉନ ଥାନାରେ ସାମ୍ବାଦିକ ସମ୍ମିଳନୀର ଆୟୋନ କରି ସଦର ଏସ୍‌ଡିପିଓ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।




ପ୍ରକାଶ ଯେ ଗତବର୍ଷ ଏପ୍ରିଲ ମାସରେ ଖୁଜେନପାଲି ନିକଟରେ କିଛି ଦୁର୍ବୃତ୍ତ ଜଣେ ବ୍ୟକ୍ତିଙ୍କୁ ଅଟକାଇ, ମାରଣାସ୍ତ୍ର ଦେଖାଇ ତାଙ୍କୁ ଧମକଚମକ ଦେବା ସହିତ ତାଙ୍କର ମୋବାଇଲ ଓ ନଗଦ ୩୫୦୦ ଟଙ୍କା ଲୁଟି ନେଇଥିଲେ। ବ୍ୟକ୍ତିଜଣକ ଏ ସମ୍ପର୍କରେ ସଦର ଥାନାରେ ଅଭିଯୋଗ କରିଥିଲେ। ସେହିଭଳି ଗତ ୯ ତାରିଖ ଦିନ ଜଣେ ରେଳକର୍ମଚାରୀଙ୍କୁ ଧମକଚମକ ଦେଇ ୮୦ ହଜାର ଟଙ୍କା ନେଇ ଯାଇଥିଲେ। ତଦନ୍ତ ସମୟରେ ଏହି ଦୁଇ ଅପରାଧ ପଛରେ ଚିଙ୍କୁ ବେହେରା, ପିଣ୍ଟୁ ମାଝୀ ଓ ମନୋଜ ଖଟାର ରହିଥିବା ପୁଲିସ ଜାଣିବାକୁ ପାଇଥିଲା। ଶନିବାର ପୁଲିସ ସେମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସେହିଭଳି ଭୀଭଭୋଇ ମେଡିକାଲ କଲେଜ ହସ୍ପିଟାଲରୁ ବାଇକ ଚୋରି କରୁଥିବା ଦୁଇଜଣ ଚୋରଙ୍କୁ ଗିରଫ କରିଛି ଟାଉନ ପୁଲିସ। ଭାଗିରଥୀ ଠେଲା ଓ ବ୍ୟାସଦେବ ମଲ୍ଲିକ ବାଇକ୍ ଚୋରି କରୁଥିବା ସମୟରେ ସେଠାକାର ସୁରକ୍ଷା କର୍ମୀ ଓ ପୁଲିସ କର୍ମଚାରୀମାନେ ଧରିଥିଲେ। ୫ ଜଣ ଅପରାଧିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି।



## ଲୁଟ୍ ଟଙ୍କାରେ କରୁଥିଲେ ମଉଜ

ସାମ୍ବାଦିକ ସମ୍ମିଳନୀରେ ଅପରାଧୀଙ୍କ ବାବଦରେ ଏସ୍‌ଡିପିଓ କହିଛନ୍ତି ଲୁଟେରାମାନେ ଲୋକଙ୍କ ଠାରୁ ଟଙ୍କା ପଇସା ଲୁଟ୍ କରି ମଉଜ କରୁଥିଲେ। ସେହି ଟଙ୍କାରେ ଡ୍ରେସ, ଜୋତା ଓ ଅନ୍ୟାନ୍ୟ ଜିନିଷ କିଣୁଥିଲେ। ଏମାନେ ପ୍ରାୟତଃ ଘରୁ ବାହାରେ ରୁହନ୍ତି।ଟଙ୍କା ଥିବା ପର୍ଯ୍ୟନ୍ତ ମଉଜ କରନ୍ତି।ଟଙ୍କା ସରିଗଲେ ପୁଣି ଲୋକଙ୍କୁ ଲୁଟ୍ କରିବାକୁ ବାହାରନ୍ତି। ଗିରଫ ହୋଇଥିବା ଅପରାଧୀମାନଙ୍କ ନାଁରେ ପୂର୍ବରୁ ଅନେକ ଅପରାଧିକ ମାମଲା ରହିଥିବା ବେଳେ ରେଳବାଇ ପୁଲିସ ମଧ୍ୟ ସେମାନଙ୍କୁ ଖୋଜୁଥିବା ସୂଚନା ମିଳିଛି।

# ବଲାଙ୍ଗିର ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ



**ବଲାଙ୍ଗିର, ୧୨।୧(ସମିସ)** ବଲାଙ୍ଗିର ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ସମରେନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ଜୀବନଯାପନ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବରେ ସମ୍ବାଦିକ ଅଖିଳ ହୋତା ଯୋଗଦେଇ ମଣିଷ ଜୀବନରେ ଶିକ୍ଷାର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ପରିଚାଳନା କମିଟିର ସଭାପତି ବିରେନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱ କରି ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ସ୍କୁଲର ଅଧ୍ୟକ୍ଷ ସତିଶ କୁମାର ପଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟର ପରିଚାଳନା କମିଟିର ସମ୍ପାଦକ ଗୋପାଳ କୃଷ୍ଣ ସିଂହଦେଓ, କୋଷାଧ୍ୟକ୍ଷ ଆଲୋକ ରଞ୍ଜନ ବେଦବାକ, ସଭ୍ୟ ବାଦଲ ମହାକୁର, ଶିରିଶ ଚନ୍ଦ୍ର ହୋତା ଓ ସଞ୍ଜୀବ ସାହୁ ମଞ୍ଚାସିନ ଥିଲେ। ବରିଷ୍ଠ ଶିକ୍ଷକ ହରେକୃଷ୍ଣ ନାୟକ ଓ ରିକୀ ପୁରୋହିତ ସଭା ସଂଯୋଜନା କରିଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷାବର୍ଷ ୨୦୨୪ ପାଇଁ ବିଦ୍ୟାଳୟର ଛାତ୍ରୀ ଅନ୍ୱେଷା ପ୍ରିୟଦର୍ଶନୀ ମାଝୀଙ୍କୁ ଶ୍ରେଷ୍ଠ ଛାତ୍ରୀ ଭାବରେ ପୁରସ୍କାର ପ୍ରଦାନ କରାଯାଇଥିଲା। ସଭା ଶେଷରେ ଉପାଧ୍ୟକ୍ଷ ଦୀପକ ବରାଲ୍ ଧନ୍ୟବାଦ ଅର୍ପଣ କରିଥିଲେ।ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା।

ଜମି କିଣା ବିକାରେ ଅନିୟମିତତା

# ବିନା ରେରା ରେଜିଷ୍ଟ୍ରେସନ ରେସିଡେନ୍ସିଆଲ୍ ପ୍ଲଟିଂ

**କଣ୍ଟାବାଞ୍ଜି, ୧୨।୧(ସମିସ)**



ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ତହସିଲରେ ଜମି କିଣାବିକାରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ଉଠିଛି। ଜମି ମାଫିଆ କିଛି ତହସିଲ କର୍ମଚାରୀଙ୍କୁ ଧରି ଜମି ଜାଲିଆତି କରୁଥିବା ନଜରକୁ ଆସିଛି। କଣ୍ଟାବାଞ୍ଜି ଅଞ୍ଚଳରେ ଏବେ ଜମି ମାଫିଆଙ୍କ ମନମୁଖୀ ଦେଖିବାକୁ ମିଳିଛି। ମିଥ୍ୟା କାଗଜପତ୍ର ଜରିଆରେ ଜମି ରେଜିଷ୍ଟ୍ରେସନ କରାଇ ସରକାରୀ ନିୟମ ଉଲ୍ଲଂଘନ କରି ପ୍ଲଟିଂ କରୁଥିବା ଅଭିଯୋଗ ହେଉଛି। କଣ୍ଟାବାଞ୍ଜି ସହରର ରାଜ୍ୟ ରାଜପଥ ୪୨ କଡ଼ରେ ଜଣେ ଜମି ବେପାରୀ ପ୍ଲଟିଂ କରି ଚଢ଼ାଦରେ ଜମି ବିକ୍ରି କରୁଥିବା ଅଭିଯୋଗ ହେଉଛି। କଣ୍ଟାବାଞ୍ଜି ସହର ପ୍ରତିଷ୍ଠିତ ପରିଚିତ ଜମି ବ୍ୟବସାୟୀ କିଛି ବ୍ୟକ୍ତିଙ୍କ ଠାରୁ ପ୍ରାୟ ୨୦ ଏକରରୁ ଉର୍ଦ୍ଧ୍ୱ ଜମି କିଣି ସେହି ଜମିରେ ରେସିଡେନ୍ସିଆଲ୍ ନିର୍ମାଣ ପାଇଁ ପ୍ଲଟିଂ କରିଥିବା ବେଳେ ବହୁ ଲୋକ ସେହି ବ୍ୟକ୍ତିଙ୍କ ଠାରୁ ଜମି କିଣିଛନ୍ତି। ନିୟମ ଅନୁସାରେ ଯଦି କୌଣସି ବ୍ୟକ୍ତି ଯଦି ରେସିଡେନ୍ସିଆଲ ପାଇଁ ପ୍ଲଟିଂ କରିବେ ତେବେ ସେମାନେ ରେରା ଆଇନ ଦ୍ୱାରା ରେଜିଷ୍ଟ୍ରେସନ ହେବା କଥା ଆଉଁ ସେଥି ପାଇଁ ଅନେକ ଗୁଡିଏ ନିୟମ ରହିଛି। କିନ୍ତୁ ଜମି ବ୍ୟବସାୟିକ ଜଣକ ବିନା ରେରା ଆଇନରେ ରେଜିଷ୍ଟ୍ରେସନ କରି ଜମି ବିକ୍ରି କରୁଛନ୍ତି। ରେରା ଆଇନରେ ରେଜିଷ୍ଟ୍ରେସନ ଯେଉଁ ସବୁ ନିୟମ ଅଛି ସେହି ନିୟମ ସେଠାରେ ପାଳନ କରାଯାଇନଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଉକ୍ତ ଜମି ବ୍ୟବସାୟିକ ଜଣକ ସରକାରଙ୍କୁ ଅନ୍ଧାର ରଖି କାର୍ଯ୍ୟ କରିବାକୁ ଗୋଟିଏ ଖସଡା ପ୍ରସ୍ତୁତ କରୁଛନ୍ତି। ସେହିପରି ସରକାରଙ୍କ ସହରାଞ୍ଚଳ ବିକାଶ ଆଇନ ଅନୁଯାଏ ଗୋଟିଏ ରେସିଡେନ୍ସିଆଲ ପ୍ଲଟିଂ ବିକ୍ରି ହେବାକୁ ଥିଲେ ସେହି ଜମିର ପ୍ରତ୍ୟେକ ପ୍ଲଟକୁ ପକା ରାସ୍ତା ଯାଇଥିବା କଥା ଏବଂ ମନ୍ଦିର ନିର୍ମାଣ, ଖେଳପଡ଼ିଆ, କମ୍ୟୁନିଟି ହଲ, ଯାନବାହାନ ପାର୍କିଂ ଓ ଶିଶୁ ଉଦ୍ୟାନ ପୂର୍ବରୁ ନିର୍ମାଣ ହୋଇଥିବା କଥା ଯାହା କଣ୍ଟାବାଞ୍ଜି ସବ-ରେଜିଷ୍ଟ୍ରେସନ ଅଧିକାରୀ ତଦନ୍ତ କରି ଦେଖିବା ପରେ ଅନୁମତି ଦେଲେ ରେସିଡେନ୍ସିଆଲ୍ ପ୍ଲଟିଂକରି ଜମି ବିକ୍ରି ହୋଇଥାଏ। କିନ୍ତୁ ଏହି ରେସିଡେନ୍ସିଆଲ୍ ପ୍ଲଟିଂରେ କେବଳ ପ୍ରତ୍ୟେକ ପ୍ଲଟ୍‌କୁ ପକା ରାସ୍ତା ଓ ବିଦ୍ୟୁତ୍ ଖୁଣ୍ଟକୁ ଛାଡି ଅନ୍ୟ କୌଣସି ବ୍ୟବସ୍ଥା ହୋଇନାହିଁ। ଯାହାଫଳରେ ରାଜ୍ୟ ସରକାର ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନୀ ହୋଇଛି। ଉକ୍ତ ଜମି ବ୍ୟବସାୟୀ ପ୍ଲଟିଂ କରି କେତେକ ବ୍ୟକ୍ତିଙ୍କ କରି ବିକ୍ରି କରିଥିବା ବେଳେ ସେମାନେ ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏନେଇ କଣ୍ଟାବାଞ୍ଜି ତହସିଲଦାର ଅଞ୍ଜଳି ମାଝୀ ପଚାରିବାରୁ କିଛି ଲୋକ ଟାଉନ୍ ପାଲାନିଂ ଅଧିକାରୀଙ୍କ ଠାରୁ ଅନୁମତି ଆଣିଛନ୍ତି। ବିନା ରେରା ରେଜିଷ୍ଟ୍ରେସନରେ କୌଣସି ଜମିକୁ ରେସିଡେନ୍ସିଆଲ୍ ପ୍ଲଟିଂ କରିପାରିବେ ନାହିଁ। ଟାଉନ୍ ପ୍ଲାନିଂ ଅଧିକାରୀଙ୍କ ଠାରୁ ଅନୁମତି ହେଲା ପରେ ହି ଜମିକୁ ରେସିଡେନ୍ସିଆଲ ପ୍ଲଟିଂ କରିପାରିବେ ନଚେତ ପରେ ଜମି କିଣିଥିବା ଲୋକ ଅସୁବିଧାରେ ପଡ଼ିବେ ବୋଲି କହିଛନ୍ତି। ଅଭିଯୋଗ ଉପରେ ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗ ଏବଂ ସହରାଞ୍ଚଳ ବିକାଶ ବିଭାଗ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



# ଜୀବନ ବୀମା ଅଭିକର୍ତ୍ତା ସଂଘର ବାର୍ଷିକ ଉତ୍ସବ




**ଟିଟିଲାଗଡ଼, ୧୨।୧(ସମିସ):** ସ୍ଥାନୀୟ ପୌରପରିଷଦ କଲ୍ୟାଣ ମଣ୍ଡପରେ ଜୀବନ ବୀମା ନିଗମ ଅଭିକର୍ତ୍ତା ସଂଘ ଟିଟିଲାଗଡ଼ ଶାଖାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଲିଆଫି କ୍ଷେତ୍ରୀୟ ସମ୍ପାଦକ ସରୋଜ ଶଙ୍ଖୁଆ ମୁଖ୍ୟଅତିଥି, ଫେଡେରାଲ ଇସି ପ୍ରଫୁଲ୍ଲ ପଣ୍ଡା, ଟିଟିଲାଗଡ଼ ଶାଖା ପ୍ରବନ୍ଧକ କେଶବ ବେରିଆ, କଣ୍ଟାବାଞ୍ଜି ଶାଖା ପ୍ରବନ୍ଧକ ଯୁଗେଶ୍ୱର ରଣା, ଉପପ୍ରବନ୍ଧକ ମନୋଜ ରଣା, ବଲାଙ୍ଗିର ଶାଖା ସଭାପତି ଅସୀମ ପଟ୍ଟନାୟକ, କୁଚିଣ୍ଡା ଶାଖା ସଭାପତି ଶରତ ଚନ୍ଦ୍ର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ପୂର୍ବତନ ଶାଖା ସଭାପତି ବୁଲବୁଲ ମେହେର ସଭା ପରିଚାଳନା କରିଥିଲେ। ଶାଖା ସଭାପତି ବୈକୁଣ୍ଠ ମେହେର ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ସମ୍ପାଦକ ଅସୀମ କୁଣ୍ଡୁ ବାର୍ଷିକ ବିବରଣୀ ପାଠ ଓ କୋଷାଧକ୍ଷ କ୍ଷୀରୋଦ ସାହୁ ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ବରିଷ୍ଠ ଅଭିକର୍ତ୍ତା ବିଭାସ ଚନ୍ଦ୍ର କୁଣ୍ଡୁ, ମୋହନ ଲାଲ ଅଗ୍ରୱାଲ ଓ ଶିବ ପ୍ରସାଦ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବର୍ତ୍ତମାନ ପରିପ୍ରେକ୍ଷୀରେ ପଲିସି ଧାରକ ଓ ଅଭିକର୍ତ୍ତାଙ୍କ ବୃହତ୍ତରସ୍ୱାର୍ଥକୁ ନେଇ ସଂଘ ଜାତୀୟସ୍ତରରେ ଆନ୍ଦୋଳନରତ ଥିବା ବେଳେ ତୃଣମୂଳସ୍ତରରେ ସଙ୍ଗଠନ ସୁଦୃଢ଼ କରିବାକୁ ମୁଖ୍ୟ ଅତିଥି ଶ୍ରୀ ଶଙ୍ଖୁଆ ଉଲ୍ଲେଖ କରିଥଲେ। କାର୍ଯ୍ୟକ୍ରମରେ ସନ୍ତୋଷ ପୁରୋହିତ, ସୁଶାନ୍ତ ମିଶ୍ର, ନାରାୟଣ ରଣା, ରାଜା ଶର୍ମା, ଦେବ କୁମାର ଚୌଧୁରୀ, ଡଗରେଶ୍ୱର ମେହେର, ପ୍ରଫୁଲ୍ଲ ସାହୁ, ହଳପାଣି ସାହୁ, ଶେଷଦେବ ପ୍ରଧାନ, ବିଜୟ ପଟ୍ଟନାୟକ, ଗୋବର୍ଦ୍ଧନ ତ୍ରିପାଠୀ, ସୁନ୍ଦରମନ ସା, ଦେବେନ୍ଦ୍ର ମେହେର ପ୍ରମୁଖଙ୍କ ସହ ଟିଟିଲାଗଡ଼ ଓ କଣ୍ଟାବାଞ୍ଜି ଅଞ୍ଚଳର ଶତାଧିକ ଅଭିକର୍ତ୍ତା ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ




**ଲୋଇସିଂହା, ୧୨।୧(ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ବିମଳ ଚରଣ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବଡ ସହଯୋଗିତା ରହିଛି। ରାଜ୍ୟର ସମସ୍ତ ଶିଶୁ ମନ୍ଦିରମାନଙ୍କୁ ସରକାର ଗୁରୁତ୍ୱ ପ୍ରଦାନ କରିବା ସହ ସେମାନଙ୍କ ସମସ୍ୟା ଗୁଡ଼ିକର ତ୍ୱରିତ ସମାଧାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା କହିଥିଲେ। ମୁଖ୍ୟବକ୍ତା ଭାବେ କେଶବ ପଟେଲ, ପରିଚାଳନା କମିଟି ସମ୍ପାଦକ ବିଶ୍ୱନାଥ ଷଡ଼ଙ୍ଗୀ, ପ୍ରଧାନ ଆଚାର୍ଯ୍ୟ ଶିବ ପ୍ରସାଦ ବାରିକ୍ ପ୍ରମୁଖ ମଞ୍ଚାସିନଥିଲେ। ଏହି ଅବସରରେ ବିଭିନ୍ନ ପରୀକ୍ଷା, ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଦଳୀୟ ନୃତ୍ୟ, ପାରମ୍ପରିକ ଲୋକନୃତ୍ୟ, ଯୋଗ ପ୍ରଦର୍ଶନ କରାଯାଇଥିଲା। ପରିଚାଳନା କମିଟି କୋଷାଧକ୍ଷ ପ୍ରଶାନ୍ତ କୁମାର ବେହେରା ଧନ୍ୟବାଦ ଦେଇଥିବା ବେଳେ କାର୍ଯ୍ୟକ୍ରମ ଆୟୋଜନରେ ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା ଓ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

# ଲୋଇସିଂହା ସିଏଚ୍‌ସିରେ ରୋଗୀ କଲ୍ୟାଣ ସମିତି ବୈଠକ

**ଲୋଇସିଂହା, ୧୨।୧(ସମିସ)**

ବଲାଙ୍ଗିର ଜିଲ୍ଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରଶାସନିକ ଭବନ ଠାରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ




## ମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେପି କର୍ମୀଙ୍କ ଔଦ୍ଧତ୍ୟ

ଡା. ଶେଖରଲାଲ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେଇଥିବା ବେଳେ ସ୍ଥାନୀୟ ବ୍ଲକ ଅଧକ୍ଷ ଯତୀନ୍ଦ୍ର ପଟେଲ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ରମେଶ ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରଭାତ ମହାପାତ୍ର, ବିଡିଓ ଅକ୍ଷଣପାଣି ଉଦ୍ଧୁ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଗୀ କଲ୍ୟାଣ ସମିତିର ସଭ୍ୟ, ବରିଷ୍ଠ ନାଗରିକ, ବ୍ଲକ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ବୈଠକରେ ବିଗତ କିଛି ବର୍ଷ ହେଲା ଡାକ୍ତରଖାନାରେ ଲାଗିରହିଥିବା ସମସ୍ୟା ବିଷୟରେ ଆଲୋଚନା କରାଯାଇଥିବା ବେଳେ ଏହାର ସମାଧାନ ଦିଗରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରାଯାଇଥିଲା। ତେବେ ଡାକ୍ତରଖାନା ଉନ୍ନତିକରଣ କାମ ମନ୍ଥର ଗତିରେ ଚାଲିଥିବା ବେଳେ ସରକାରଙ୍କ ନିର୍ଦ୍ଦେଶକୁ ଠିକ ଭାବେ ପାଳନ କରାଯାନଥିବା ଅଭିଯୋଗ କରି ମନ୍ତ୍ରୀ ସ୍ଥାନୀୟ ବ୍ଲକ ସହାୟକ ନିର୍ବାହୀଯନ୍ତ୍ରୀଙ୍କୁ କଡା ଭାଷାରେ ତାଗିଦ କରିଥିବା ଦେଖିବାକୁ ମିଳିଥିଲା। ଏହି ସମୟରେ କିଛି ଗଣମାଧମ ପ୍ରତିନିଧି ଉପସ୍ଥିତ ଥିଲେ। ତେବେ ସେମାନେ ଏହାକୁ ରୋକର୍ଡିଂ କରିଥିବା ଦର୍ଶାଇ ବିଧାୟକଙ୍କ ସମର୍ଥକମାନେ ଧମକାଇ ଭିଡିଓ ଡିଲିଟ୍ କରିବା ଓ ବୈଠକରେ ତାଙ୍କର କୌଣସି କାର୍ଯ୍ୟ ନାହିଁ ଚାଲିଯିବାକୁ କୁହାଯାଇଥିଲା। ଯାହାକୁ ନେଇ ଗଣମାଧମ ପ୍ରତିନିଧି ମାନେ ପ୍ରତିକ୍ରୀୟା ପ୍ରକାଶ କରିଥିଲେ। ତେବେ ବିଧାୟକଙ୍କ ସମର୍ଥକମାନଙ୍କ ଏହିଭଳି ବ୍ୟବହାରକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ବ୍ଲକ୍ ଅଧିକାରୀଙ୍କୁ ଦୁର୍ବ୍ୟବହାର

**ଲୋଇସିଂହା, ୧୨।୧(ସମିସ):** ଲୋଇସିଂହା ବ୍ଲକ ପରିସରରେ ଶନିବାର ଅନୁଷ୍ଠିତ ହୋଇଥିବା ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ବିଜେପି ଠିକାଦାରଙ୍କ ଦାଦଗିରି ଦେଖିବାକୁ ମିଳିଥିଲା। ଏପରିକି ସମ୍ପୃକ୍ତ ଠିକାଦାର ଜଣକ ବ୍ଲକର ଅଧିକାରୀଙ୍କୁ ଠେଲାପେଲା କରିଥିବା ନେଇ ମଧ ଦେଖିବାକୁ ମିଳିଥିଲା। ଉକ୍ତ ଘଟଣାକୁ ନେଇ ବ୍ଲକ ପରିସରରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଅବଶ୍ୟ ଏନେଇ ବ୍ଲକ ପକ୍ଷରୁ କୌଣସି ମାମଲା କରାଯାଇ ନଥିବା ବେଳେ ସରକାରୀ ଦଳର ଠିକାଦାରଙ୍କ ଏହିଭଳି କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ ଶନିବାର ଲୋଇସିଂହା ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ନିଜେ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବିଜେପି କର୍ମୀମାନେ ମଧ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଚାଲିଥିବା ବେଳେ କୁଶମେଲ ଗ୍ରାମର ଦୁଇ ଜଣ ବିଜେପି କର୍ମୀ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅକ୍ଷୟ ପାଣି ଉଦ୍ଧୁ, ଜିପିଇଓ କିଶୋର ମାନସିଂ ଓ ବିଏସଏସଓ ଆଶା ପଧାନଙ୍କ ସହ କୌଣସି ବିଷୟକୁ ନେଇ ଯୁକ୍ତିତର୍କ ଆରମ୍ଭ କରିଥିଲେ। ଏହି ସମୟରେ ଜିପିଓଇ କିଶୋର ମାନସିଂଙ୍କୁ ସମ୍ପୃକ୍ତ ଯୁବକ ଦ୍ୱୟ ଠେଲାପେଲା କରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହାକୁ ନେଇ କାର୍ଯ୍ୟକ୍ରମ ସ୍ଥଳରେ ଅପ୍ରୀତିକରପରିସ୍ଥିତି ସୃଷ୍ଟି ହୋଇଥିଲା। ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନଥିବା ବେଳେ ବିଜେପି କର୍ମୀଙ୍କ ଏହିଭଳି ବ୍ୟବହାରକୁ ନେଇ ବ୍ଲକ ଅଧିକାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

# 'ସାମ୍ପ୍ରତିକ ସମାଜରେ ନୈତିକ ମୂଲ୍ୟବୋଧ' ଶୀର୍ଷକ ଆଲୋଚନାଚକ୍ର

**ବଲାଙ୍ଗିର, ୧୨।୧(ସମିସ):** ପିଲାଙ୍କର ନୈତିକ ମୂଲ୍ୟବୋଧ ଶିକ୍ଷା ପରିବାରରୁ ହିଁ ଆରମ୍ଭ ହୋଇଥାଏ। ଆମ ଭାରତର ପ୍ରାଚୀନ ସଂସ୍କୃତି, ପୋଥିପୁରାଣ, ଦର୍ଶନଶାସ୍ତ୍ର ପ୍ରତ୍ୟେକରେ ମୂଲ୍ୟବୋଧ ଶିକ୍ଷାର ଉପାଦାନ ରହିଛି। ପରିବାର ଓ ବିଦ୍ୟାଳୟରୁ ପିଲାଙ୍କ ଭିତରେ ସଦଶିକ୍ଷା ଓ ଚରିତ୍ର ଗଠନ ପ୍ରତି ସଚେତନତା ସୃଷ୍ଟି ଆବଶ୍ୟକ। ବଲାଙ୍ଗିରର ଅଗ୍ରଣୀ ସାହିତ୍ୟ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ରଚନା'ର ମାସିକ ରଚନା ସନ୍ଧ୍ୟା କାର୍ଯ୍ୟକ୍ରମରେ ଉପରୋକ୍ତ ମତ ପ୍ରକାଶ ପାଇଛି। ଶନିବାର ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ 'ସାମ୍ପ୍ରତିକ ସମାଜରେ ନୈତିକ ମୂଲ୍ୟବୋଧ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚକ ଭାବରେ ଯୋଗଦେଇ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗୀୟ ମୁଖ୍ୟ ଡ଼.ସୁଶାନ୍ତ କୁମାର ପଣ୍ଡା ପିଲାଙ୍କ ଭିତରେ ବର୍ତ୍ତମାନ ନୈତିକ ଶିକ୍ଷା ବଦଳରେ ଆଧୁନିକ ତଥା ଅତ୍ୟାଧୁନିକ ଶିକ୍ଷାର ଆଗ୍ରହ ବଢ଼ୁଛି; ଆଧୁନିକ ଶିକ୍ଷା ସହିତ ନୈତିକ ଶିକ୍ଷା ସେମାନଙ୍କ ପାଇଁ କେତେ ଜରୁରୀ ତାହା ଆମକୁ ସେମାନଙ୍କୁ ଜଣେଇବାକୁ ହେବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବ୍ରହ୍ମାକୁମାରୀ ଉଷା ଭଉଣୀ ଆମ ପ୍ରାଚୀନ ଭାରତୀୟ ଦର୍ଶନ, ତଥା ମହାପୁରୁଷଙ୍କ ମହତବାଣୀର ଉଦାହରଣ ଦେଇ ଯୁବବର୍ଗଙ୍କୁ ମାର୍ଗଦର୍ଶନ କରିଥିଲେ। ଅନ୍ୟତମ ଆଲୋଚକ ଭାବରେ ଆକାଶବାଣୀ ବଲାଙ୍ଗିରର କାର୍ଯ୍ୟକ୍ରମ ମୁଖ୍ୟ ତଥା ଖ୍ୟାତନାମା ଗାଳ୍ପିକ ମନୋଜ ପୂଜାରୀ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦାର୍ଶନିକଙ୍କର ଦର୍ଶନୋପଦେଶ, ଭାଗବତର ମହତବାଣୀ ତଥା ଅନେକ ଲୋକକଥା ଓ କାହାଣୀର ଦୃଷ୍ଟାନ୍ତ ଦେଇ ଏ ସବୁଥିରୁ କିପରି ନୈତିକ ମୂଲ୍ୟବୋଧ ଶିକ୍ଷା କରିପାରିବା ବୁଝାଇଥିଲେ। କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଅନୁଷ୍ଠାନର ବରିଷ୍ଠ ସଦସ୍ୟା ସଂସ୍କୃତି ପଟ୍ଟନାୟକ ଓ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ସହସମ୍ପାଦକ ରତ୍ନମୟ ତ୍ରିପାଠୀ। କାର୍ଯ୍ୟକ୍ରମରେ ସହରର ଅନେକ ସଂସ୍କୃତିପ୍ରେମୀ, ବୁଦ୍ଧିଜୀବୀ, ଗଣମାଧମର ପ୍ରତିନିଧି, ଛାତ୍ରଛାତ୍ରୀ ଏବଂ 'ରଚନା'ର ସଭାପତି ସନାତନ ଠାକୁର, ସମ୍ପାଦକ ଭାଗିରଥି ମିଶ୍ର, କୋଷାଧକ୍ଷ ମୃଗେଶ ବୈଷ୍ଣବ ପାଣିଗ୍ରାହୀ ଓ ସଭ୍ୟ ସଭ୍ୟା ଯୋଗ ଦେଇଥିଲେ।

# ୧୦ ଦିବସୀୟ ଆବାସିକ ଶିକ୍ଷଣ ଶିବିର ପଲ୍ଲବନ ଉଦ୍‌ଯାପିତ

**ଶଗଡ଼ା, ୧୨।୧(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଦମାମୁଣ୍ଡା ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ମେଧାବୀ ଶିକ୍ଷାର୍ଥୀଙ୍କ ପାଇଁ ୧୦ ଦିନ ଧରି ଚାଲିଥିବା ପଲ୍ଲବନ ନାମକ ଏକ ଆବାସିକ ଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଶିବିରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧକ୍ଷ ଶଙ୍କର୍ଷଣ ପ୍ରଧାନ ଯୋଗ ଦେଇଥିବା ବେଳେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନୋଜ ସେଠୀ, ଏବିଇଓ ଦୁର୍ଗା ଚରଣ ପ୍ରଧାନ, ପ୍ରଧାନ ଶିକ୍ଷକ ଗୋବିନ୍ଦ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମକୁ ଶିକ୍ଷକ ସମ୍ବିତ ମିଶ୍ର ପରିଚାଳନା କରିଥିବା ବେଳେ ଅମ୍ବାଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୁକଦେବ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଓ ମାଧମିକ ଶିକ୍ଷକ ସଂଘ କଣ୍ଟାମାଳ ପକ୍ଷରୁ ଏହି ଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ୧୦ ଦିନ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ପ୍ରଶିକ୍ଷଣ ନେଇଥିଲେ। ବ୍ଲକର ୨୮ଟି ବିଦ୍ୟାଳୟର ୫୬ ଜଣ ମେଧାବୀ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ପ୍ରଶିକ୍ଷକ ଭାବରେ ୬୦ଜଣ ଶିକ୍ଷକ, ୨୦ ଜଣ ଶିକ୍ଷୟିତ୍ରୀ, ୨୦ ଜଣ ଖେଳ ଶିକ୍ଷକ ଉପସ୍ଥିତ ଥିଲେ।

# କଣ୍ଟାବାଞ୍ଜି ମାଟିର୍ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ



**କଣ୍ଟାବାଞ୍ଜି, ୧୨।୧ (ସମିସ):** 'କଣ୍ଟାବାଞ୍ଜି ମାଟିର୍ ମହୋତ୍ସବ୍'ର ପ୍ରଥମ ପ୍ରସ୍ତୁତି ବୈଠକ କଣ୍ଟାବାଞ୍ଜିସ୍ଥିତ ହରିଭବନରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। କମିଟିର ଆବାହକ ତଥା ସାମ୍ବାଦିକ ପୁଷ୍ପକେତୁ ବେହେରାଙ୍କ ଅବହାକତ୍ୱରେ ଅନୁଷ୍ଠିତ ବୈଠକରେ ସହରର ଅନେକ ଯୁବକ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ଯୁବ ସାମ୍ବାଦିକ ତୁଳସୀ ରାମ ଜଗତ ପରିଚାଳନା କରିଥିଲେ। ଚଳିତ ବର୍ଷ 'କଣ୍ଟାବାଞ୍ଜି ମାଟିର୍ ମହୋତ୍ସବ୍'ର କଣ ରୂପ ରେଖ ରହିବ ଏବଂ କେଉଁ ଭଳି ଭାବେ ଆୟୋଜନ କରାଯିବ ଆଲୋଚନା ହୋଇଥିଲା। କଣ୍ଟାବାଞ୍ଜି ଅଞ୍ଚଳରେ ଥିବା ଯୁବ କଳାକାର ଅଧିକ ଗୁରୁତ୍ୱ ଦିଆଯିବ ବୋଲି ମତ ପ୍ରକାଶ ପାଇଛି। ଦଳମତ ନିର୍ବିଶେଷରେ ସମସ୍ତେ ଏକ ହୋଇ'କଣ୍ଟାବାଞ୍ଜି ମାଟିର୍ ମହୋତ୍ସବ୍ ' କୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଛି। ଆଗାମୀ ବୈଠକରେ କେବେ ଏବଂ ତାରିଖ କଣ ହେବ କେତେ ଦିନିଆ ମହୋତ୍ସବ କରାଯିବ ନିଷ୍ପତ୍ତି ନିଆଯିବ ବୋଲି ଆବାହକ ପୁଷ୍ପକେତୁ ବେହେରା କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ମନୋଜ ଦାସ, ବ୍ରଜଶ୍ୟାମ ଗୁରୁ, ବିରଞ୍ଚି ନାରାୟଣ ଦାଶ, ବେଦବ୍ୟାସ ନାଗ, ରାଜେନ୍ଦ୍ର ବେହେରା, ସନ୍ତୋଷ ଅଗ୍ରୱାଲ, ଦିନେଶ ମହାନନ୍ଦ, ଆଶୀଷ ଅଗ୍ରୱାଲ, ସଞ୍ଜୟ ଗାନ୍ଧୀ, ସତ୍ୟ ନାରାୟଣ ଅଗ୍ରୱାଲ, ସଚିନ ବିଭାର, ରଶ୍ମି ରଞ୍ଜନ ପୁଟେଲ, ରୋହନ ମହତ, ବାବୁ ବାଗ, ରାଜୁ ବାରିକ, ଇଲୁ ନାଗ, ପ୍ରମୋଦ ବେହେରା, କୁର୍ତ୍ତିକର ବାଗ, ଉମାକାନ୍ତ ମହାନନ୍ଦ, ସୋମନାଥ ସାହୁ, ସୋନୁ ସତପଥୀ, ନିଶି ମହାପାତ୍ର, ବିବେକ ଶର୍ମା ପ୍ରମୁଖ ସାମିଲ ଥିଲେ।

# ଯୁବା ଦିବସରେ ଗାୟତ୍ରୀ ପାରିବାରର ରକ୍ତଦାନ ଶିବିର

**ବଲାଙ୍ଗିର, ୧୨।୧(ସମିସ):** ସ୍ଥାନୀୟ ଅର୍ଯ୍ୟ ସମାଜ ମନ୍ଦିରରେ ଗାୟତ୍ରୀ ପରିବାର ଦ୍ୱାରା ଅନ୍ତରାଷ୍ଟ୍ରିୟ ଯୁବା ଦିବସ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଚି। ମୁଖ୍ୟଅତିଥି ଭାବରେ ବଲାଙ୍ଗିର ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ଦୀପ ପ୍ରଜ୍ୱଳନ କରି ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ପୂର୍ବତନ ସ୍ୱାସ୍ଥ୍ୟ ଅଧିକାରୀ ଜଗନ୍ନାଥ ପଣ୍ଡା ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥଲେ। ବଲାଙ୍ଗିର ବ୍ଲଡ୍ ବ୍ୟାଙ୍କ ଅଧିକାରି ଡାକ୍ତର ଆରତୀ ପଣ୍ଡା କାର୍ଯ୍ୟକ୍ରମର ତତ୍ତ୍ୱାବଧାନ କରିଥଲେ। ଶିବିରରେ ୨୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ପବିତ୍ର ବେହେରା, ଯୋଗେଶ ଝା, ସୁଶୀଳା ବିଶ୍ୱାଳ, ଶାନ୍ତନୁ ପାତ୍ର, ରିନା ସହୁ, ତ୍ରିଲୋଚନ ମେହେର, ରମାନନ୍ଦ୍ ଥନାପତି, ସ୍ୱରଜିତ ଶତପଥୀ, କଲାକାହୁଁ, କେଶବ ସୁନା, ସଞ୍ଜୁ ସୁନା ମନିସ ଝା, ରାକେଶ ପାଣିଗ୍ରାହି, ବସନ୍ତ ବେହେରାଙ୍କ ସମେତ ବହୁ ବ୍ୟକ୍ତି ରକ୍ତଦାନ କରିଥିଲେ। ବଲାଙ୍ଗିର ବ୍ଲଡ୍ ବ୍ୟାଙ୍କ କର୍ମଚାରୀ ଡାକ୍ତର ସୁମିତ ମୁଣ୍ଡ, ସ୍ୱାଗତିକା ରାଉଳ, ଅକ୍ଷୟ ବାଗ, ସମିତା ମେହେର, ଗଙ୍ଗାଧର ପଧାନ, ସଂଗ୍ରାମ କେଶରୀ ରଣା ଓ ପୁନମ ବର୍ମା ରକ୍ତ ସଂଗ୍ରହ କରିଥଲେ। ଉକ୍ତ କାର୍ଯ୍ୟକ୍ରମକୁ ସଫଳିକୃତ୍ କରିଥଲେ ଯୁଗଳ କିଶୋର ଝା, କାଳୀ ପ୍ରସାଦ ମିଶ୍ର, ସୁରେଶ ଷଡ଼ଙ୍ଗୀ, ଭାଗ୍ୟବାନ ସାହୁ, ସୁବାସ ରାଉତ, ଅମ୍ରିଶ ତ୍ରୀପାଠୀ, ମୋକ୍ଷାଦା ଶର୍ମା, ବୀଣାପାଣି ଆଚାର୍ଯ୍ୟ, ଗୋପବନ୍ଧୁ ଶତପଥୀ, କୁସୁମ ଶତପଥୀ, କମ୍ବୁ ପାଣି ଆଚାର୍ଯ୍ୟ, ବବିତା ଅଗ୍ରୱାଲ, ସ୍ମିତା ମହାରଣା, ସଂଯୁକ୍ତା ମିଶ୍ର ଅସ୍ମାନ ସାହୁ, କ୍ଷୁଦ୍ର ମଣି ନାୟକ ଶାନ୍ତନୁ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଦାଦନଗଡ଼ର ସୁନା ଝିଅ ପାୟଲ

# ଜାତୀୟ ତୀରନ୍ଦାଜୀ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଲେ

**ବଲାଙ୍ଗିର, ୧୨।୧(ସମିସ):** ଜାତୀୟ ତୀରନ୍ଦାଜୀ ପ୍ରତିଯୋଗିତାରେ ଚମକିଲେ ପାୟଲ। ରାଜସ୍ଥାନର ଜୟପୁରରେ ଅନୁଷ୍ଠିତ ହୋଇଥିବା ଜାତୀୟ ତୀରନ୍ଦାଜୀ ପ୍ରତିଯୋଗିତାରେ ବଲାଙ୍ଗିର ଝିଅ ପାୟଲ ନାଗ ପ୍ରଥମ ସ୍ଥାନ ହାସଲ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଦେଶର ବିଭିନ୍ନ ରାଜ୍ୟରୁ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ପଛରେ ପକାଇ ସେ ବଲାଙ୍ଗିର ଜିଲ୍ଲା ତଥା ଓଡ଼ିଶା ରାଜ୍ୟ ପାଇଁ ଗୌରବ ଆଣି ଦେଇଛନ୍ତି। ଏକଦା ପାଟିରେ ତୂଳୀ ଧରି ଚର୍ଚ୍ଚାର ପରିସରକୁ ଆସିଥିବା ପାୟଲ ନାଗ ଆଜି ସାରା ଦେଶରେ ସୁନାମ ଅର୍ଜନ କରିଛନ୍ତି। ପ୍ରକାଶ ଯେ



ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଅନ୍ତର୍ଗତ ଯମୁନାବାହାଲ ଗ୍ରାମର ପାୟଲ ନାଗ ୫ ବର୍ଷ ବୟସରେ ବାପା ମାଆଙ୍କ ସହିତ ରାୟପୁରକୁ ଦାଦନ ଖଟିବାକୁ ଯାଇଥିଲେ। ସେ ସମୟରେ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ତାଙ୍କର ଦୁଇଟି ଗୋଡ଼ ଓ ଦୁଇଟି ହାତ ହରାଇଥିଲେ। ବଲାଙ୍ଗିର ପଥରଚେପା ସ୍ଥିତ ପାର୍ବତୀ ଗିରି ବାଲ ନିକେତନରେ ରହି ପାଠ ପଢୁଥିଲେ। ଏହି ସମୟରେ ସେ ପାଟିରେ ତୂଳୀ ଧରି ଚିତ୍ର ଆଙ୍କୁ ଥିବାର ଅନନ୍ୟ ପ୍ରତିଭାକୁ 'ସକାଳ' ପ୍ରଥମେ ଲୋକ ଲୋଚନକୁ ଆଣିଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ କୃତ୍ରିମ ହାତ ଓ ଗୋଡ଼ ଖଞ୍ଜିବାକୁ ସମସ୍ତ ଖର୍ଚ୍ଚ ବହନ କରିବା ସହ ଧନୁତୀର ଚାଳନା ଶିଖିବାକୁ ତାକୁ ଜମ୍ମୁ କାଶ୍ମୀର ପଠା ଯାଇଥିଲା। ସେଠାରେ ସେ ତୀରନ୍ଦାଜୀ ଅଭ୍ୟାସ କରୁଥିବା ବେଳେ ବଲାଙ୍ଗିର ଜିଲ୍ଲା ପାଇଁ ଏକ ଭଲ ଖବର ଆସିଛି। ପାୟଲ ଜାତୀୟ ତୀରନ୍ଦାଜୀ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରି ସ୍ୱର୍ଣ୍ଣ ପଦକ ଆଣିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ବଲାଙ୍ଗିର ଜିଲ୍ଲାରେ ଖୁସିର ମାହୋଲ ଖେଳିଯାଇଛି। ଆଗାମୀ ଦିନରେ ପାୟଲ ଅନ୍ତର୍ଜାତୀୟ ପ୍ରତିଯୋଗିତା ରେ ଭାଗ ନେଇ ବଲାଙ୍ଗିର ପାଇଁ ସୁନାମ ଆଣିବେ ବୋଲି ସମସ୍ତେ ଆଶା ପ୍ରକାଶ କରିଛନ୍ତି।

## ସୁଜନ ନାଗ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ୍ ମ୍ୟାଚ୍

# ରିସୁଲ ଏମ୍‌ଏଫ୍‌ସି ତରଭା ଟିମ୍ ଚାମ୍ପିଅନ

**ସୋନପୁର, ୧୨।୧(ସମିସ)**

ସୁଜନ ନାଗ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ୍ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଦ୍ୱନ୍ଦିତାମୂଳକ ଫାଇନାଲ ମ୍ୟାଚରେ ବିଏସ୍ଏଫ ସୋନପୁରକୁ ହରାଇ ରିସୁଲ ଏମ୍ଏଫ୍‌ସି ତରଭା ଟିମ୍ ଚମ୍ପିଆନ ହୋଇଛି। ବିଏସ୍ଏଫ୍ ସୋନପୁର ଏବଂ ରିସୁଲ ଏମ୍ଏଫ୍‌ସି ତରଭା ମଧ୍ୟରେ ଅନୁଷ୍ଠିତ ହୋଇଥିବା ଏହି ମ୍ୟାଚ ୦-୦ ଗୋଲରେ ଅମିମାଂସିତ ହେତୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ତରଭା ଟିମ୍ ୪-୩ ଗୋଲରେ ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚରେ ବେଷ୍ଟ ଡିଫେନ୍ସ ରାକେଶ ରାବଣ, ବେଷ୍ଟ ଗୋଲ କିପର ଆଲୋକ ଏକ୍କା, ବେଷ୍ଟ ୱିଙ୍ଗର ଓମ୍ ମହାନନ୍ଦ, ବେଷ୍ଟ ମିଡ୍ ଫିଲଡର



ରଘୁ ମାର୍ଣ୍ଡି, ମ୍ୟାନ ଅଫ ଦ ସିରିଜ୍ ସୁନୀଲ ଲୁଇସ ଏବଂ ହିରୋ ଅଫ ଦ ମ୍ୟାଚ ଦେବରାଜ ସା ପୁରସ୍କୃତ ହୋଇଥିଲେ। ମ୍ୟାଚ୍‌ରେ ମୁଖ୍ୟରେଫରୀ ନନ୍ଦୁ ନାୟକ ଓ ସହଯୋଗୀ ରେଫରୀ ଭାବେ ଦିପେଶ ପଧାନ ଏବଂ ପ୍ରଶାନ୍ତ ସେଠୀ ଯୋଗଦେଇଥିଲେ। ମ୍ୟାଚ୍ କମିସନର ଭାବରେ ଜଗତ ଜଗଦଲା ଓ ସନ୍ତୋଷ ପଧାନ ଦାୟିତ୍ୱ ତୁଲାଇ ଥିଲେ। ଆଜିର ମ୍ୟାଚରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ସୁପରା ଠେଲା ଏବଂ ସମ୍ମାନିତ ଅତିଥି ଭାବରେ ବଳଦେବ ବେଦବାଗ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀବତ୍ସ ମଲ୍ଲିକ, ନାରାୟଣ ଲୁହା, ରଞ୍ଜନ ଠେଲା, ଭକ୍ତବନ୍ଧୁ ସେଠ, ଅରବିନ୍ଦ ବାରିକ, ଉମାକାନ୍ତ ନାଗ ଓ ଅମୀୟ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୧୬ଟି ପ୍ରୟୋଜକ ସଞ୍ଜୀବ ମହାରଣା, ରମଣ ପଧାନ, ଅମିତ ସାହୁ, ସିରିଶ ଦାସ, ସନ୍ତୋଷ କୁମାର ପୂଝାରୀ, ଜୟ ସା, ନିଶାନ ମହାନ୍ତି, ହରିଶଙ୍କର ଚୌଧୁରୀ, ଶ୍ରୀରାମ ସୁନା, ଈଶ୍ୱର ମେହେର, ବିକ୍ରମ ନାଏକ, ଗଜାନନ ବନଛୋର, ଆଶିଷ ସାହୁ, ଗୌତମ ପାତ୍ର, ଲୋକନାଥ ରଥ ଓ ସୁବର୍ଣ୍ଣପୁରର ୭ଟି ସଂଗଠନଙ୍କୁ ସମ୍ମାନିତ କରାଯାଇଥିଲା। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ରାକେଶ ନାଗ ପରିଚାଳନା କରିଥିଲେ।

# କବି କୁଟୁମ୍ବର କବିତା ଆସର

**ବୀରମହାରାଜପୁର, ୧୨।୧ (ସମିସ):** ବୀରମହାରାଜପୁର ଉପଖଣ୍ଡ ମେଟାକାନୀ ପୀଠରେ ସୁବର୍ଣ୍ଣପୁର ଜିଲ୍ଲାର କବି କୁଟୁମ୍ବର କୋଶଲି କବିତା ଆସର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ କମ୍ବୁଧର ସୁନା, ମୁଖ୍ୟବକ୍ତା ବିଶିଷ୍ଟ ଲେଖକ ଯଜ୍ଞେଶ୍ୱର ବିଶି, ସମ୍ମାନିତ ଅତିଥି ବିଶିଷ୍ଟ କବି ରଞ୍ଜିତ ମିଶ୍ର, ରଞ୍ଜନ ସା ଯୋଗଦେଇ ସାରସ୍ୱତ ବାର୍ତ୍ତା ପ୍ରଦାନ କରିଥିଲେ। କୋଶଲି ଏକପାଦୀ କବିତା ପୁସ୍ତକ 'ବନଫୁଲ' ଲୋକାର୍ପଣ କରାଯାଇଥିଲା। କିଶୁ ଜଗଦଲା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଯୁଧିଷ୍ଠିର ଖମାରୀ ମଞ୍ଚ ପରିଚାଳନା କରିଥିଲେ। ପରେ କବିତା ପାଠ କରାଯାଇଥିଲା। ଏଥିରେ ରାମେଶ୍ୱର ଛତ୍ରିଆ, ଗଜିନ୍ଦ୍ର ସେଠୀ, ଗଜାନନ ସାଥୁଆ, ଅଶୋକ ବିଶି, ଚନ୍ଦ୍ରାବତୀ ପାଣ୍ଡେ, ଶାନ୍ତନୁ କର୍ଣ୍ଣ, ନବକିଶୋର ସା, ଅମିତା ପଣ୍ଡା, ତନ୍ମୟବାଳା ମିଶ୍ର, ଶ୍ରଦ୍ଧାଞ୍ଜଳି ପଣ୍ଡା, ଦୀପାନ୍ୱିତା ମାହାଣା, ସୋନୁ ସାହୁ, ଶୁଭଶ୍ରୀ ବିଷ୍ଣୁପ୍ରିୟା ସାଥୁଆ, ଶ୍ୟାମା ପଣ୍ଡା, ଟଙ୍କଧର ବାରିକ ଓ ସୋମନାଥ ମେହେର ପ୍ରମୁଖ କବିତା ପାଠ କରିଥିଲେ। ଶେଷରେ କବି ଅଖୋଜ ଷାଣ୍ଢ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୃଷ୍ଟିହୀନ ମୂକ ଓ ବଧିର ବିଦ୍ୟାଳୟରେ ପୁଷପୁନି ଭେଟ୍

**ତରଭା, ୧୨।୧(ସମିସ):** ଶ୍ରୀମଦ ଭଗବତ ଗୀତା ପ୍ରଚାର ସମିତିର ୩୦ତମ ସ୍ୱନକ୍ଷତ୍ର ଦିବସ ଅବସରରେ ତରଭା ବ୍ଲକ ଶିବତୁଲାରେ ଥିବା ଦୃଷ୍ଟିହୀନ ମୁକ ଓ ବଧିର ବିଦ୍ୟାଳୟରେ ପୁଷପୁନି ଭେଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ରାଜେନ୍ଦ୍ର ରଣାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପିଏମ ଶ୍ରୀ ନବୋଦୟ ବିଦ୍ୟାଳୟର ଅଧକ୍ଷ ନିଶିକାନ୍ତ ଶାମକୁଁୱର, ମୁଖ୍ୟବକ୍ତା ଏଇଏସ କଲେଜର ପ୍ରାକ୍ତନ ଅଧକ୍ଷ ଗୋପାଳ ଚରଣ ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ଶୈଳେନ୍ଦ୍ର ସାହୁ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଶକ୍ତିର ବିକାଶ ଉପରେ ଅତିଥିମାନେ ମତ ରଖିବା ସହ ଶ୍ରୀମଦ ଭଗବତ ଗୀତା ପ୍ରଚାର ସମିତିର ଅଧକ୍ଷ କୁଶ କୁମାର ମିଶ୍ର ୩୦ ବର୍ଷ ଧରି ବିଦ୍ୟାଳୟରେ ପୁଷପୁନି ଭେଟ୍ କାର୍ଯ୍ୟକ୍ରମ ଦ୍ୱାରା ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ମୁହଁରେ ହସଫୁଟାଇ ପାରିଥିବାରୁ ଶ୍ରୀ ମିଶ୍ରଙ୍କୁ ପ୍ରଶଂସା କରିଥିଲେ। ଶିବତୁଲା ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ରାଜକିଶୋର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜୟପ୍ରକାଶ ନାରାୟଣ ସାହୁ, ଶ୍ରୀହରି ବିଦ୍ୟା ନିକେତନର ପରିଚାଳକ ରାଜେଶ ସାହୁ, ବିଚିତ୍ର ସାହୁ, ଜଗଦାନନ୍ଦ ସେଠୀ, ନାଟ୍ୟଗୁରୁ ବାବାଜୀ ମନହିରା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମସ୍ତ ଛାତ୍ରଛାତ୍ରୀ ଅବିଭାବକ, ଅତିଥି ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ କର୍ମଚାରୀଙ୍କୁ ପୁଷପୁନି ମଣ୍ଡା ଓ ପିଠା ଦ୍ୱାରା ଆପ୍ୟାୟିତ କରାଯାଇଥିଲା।

